**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

**<u>ସି.ଆର୍.ଏଲ୍.ଏମ୍.ସି. ସଂଖ୍ୟା 1244 / 2023</u>**

ଦଣ୍ଡ ପ୍ରକ୍ରିୟା ସଂହିତା 1973ର ଧାରା 482 ଅନୁଯାୟୀ ଆବେଦନ ।

---------------

**ସରୋଜ ସାହୁ** ........ **ଆବେଦନକାରୀ**

**-ବନାମ-**

**ଓଡ଼ିଶା ରାଜ୍ୟ** ........ **ପ୍ରତିପକ୍ଷ**

**ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ବୃନ୍ଦ) :-**

**ଆବେଦନକାରୀଙ୍କ ପାଇଁ** : ଶ୍ରୀଯୁକ୍ତ ଅରୁଣ କୁମାର ଦାସ-1, ଅଧିବକ୍ତା

**ପ୍ରତିପକ୍ଷ ମାନଙ୍କ ପାଇଁ** : ଶ୍ରୀଯୁକ୍ତ ଏସ୍. କେ. ମିଶ୍ର, ଅତିରିକ୍ତ ସ୍ଥାୟୀ ଅଧିବକ୍ତା

ମେସର୍ସ ଅନିରୁଦ୍ଧ ଦାସ, ଏ. ଦାସ, ଏସ୍.ସି. ମିଶ୍ର, କେ. ବେହେରା ଏବଂ ଏମ୍. ଏସ୍. ହାସନ, ଅଧିବକ୍ତାଗଣ [ସୂଚନାଦାତା ପାଇଁ]

**ପୀଠାସୀନ:**

**ଶଶିକାନ୍ତ ମିଶ୍ର, ନ୍ୟାୟମୂର୍ତ୍ତି**

**<u>ରାୟ</u>**

**28 ଜୁଲାଇ, 2023**

**ଶଶିକାନ୍ତ ମିଶ୍ର, ନ୍ୟାୟମୂର୍ତ୍ତି** ଆବେଦନକାରୀ , ଯିଏ ବିଜ୍ଞ ଜେ.ଏମ୍.ଏଫ୍.ସି., ଗଁଦିଆଙ୍କ ନ୍ୟାୟାଳୟରେ ବିଚାରାଧୀନ ଜି.ଆର୍. ମାମଲା ସଂଖ୍ୟା 179/2022ରେ ଅଭିଯୁକ୍ତ,

ଆଇପିସିର ଧାରା 417/506/376(1)/366/201 ଅନୁଯାୟୀ ଦଣ୍ଡନୀୟ ଅପରାଧକୁ ସଂଜ୍ଞାନ ନିମନ୍ତେ ଉକ୍ତ ନ୍ୟାୟାଳୟଙ୍କ ଦ୍ୱାରା ପାରିତ 05.07.2022 ତାରିଖ ଆଦେଶର ଯଥାର୍ଥତା ଉପରେ ପ୍ରଶ୍ନ ଉଠାଇ ସି.ଆର୍.ପି.ସିର ଧାରା 482 ଅନୁଯାୟୀ ବର୍ତ୍ତମାନର ଆବେଦନରେ ଏହି ନ୍ୟାୟାଳୟଙ୍କ ନିକଟକୁ ଆସିଛନ୍ତି ।

2. ସଂକ୍ଷେପରେ, ମାମଲାର ତଥ୍ୟ ହେଉଛି, ଯେ ଜଣେ 'X' (ପୀଡ଼ିତା) ଗଁଦିଆ ପୋଲିସ ଥାନାର ଆଇଆଇସିଙ୍କ ନିକଟରେ 06.04.2022 ରେ ଏକ ଲିଖିତ ଅଭିଯୋଗ ଦାଖଲ କରି ଅଭିଯୋଗ କରିଥିଲେ ଯେ ସେ ଅଭିଯୁକ୍ତଙ୍କୁ ପ୍ରେମ କରୁଥିଲେ ଏବଂ 04.04.2022 ରେ ରାତି ପ୍ରାୟ 8ଟାରେ, ଅଭିଯୁକ୍ତ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ପ୍ରଲୋଭିତ କରିଥିଲେ ଏବଂ ନିଜ ସାଙ୍ଗରେ ନଥୁଆ ଗାଁରେ ଥିବା ଭଉଣୀ ଘରକୁ ନେଇ ଯାଇଥିଲେ । ସେଠାରେ ସେମାନେ ରାତ୍ରିଯାପନ କରିଥିଲେ। ତା05.04.2022ରିଖ ଦିନ ପ୍ରାୟ 11ଟା ସମୟରେ, ଅଭିଯୁକ୍ତର ବଡ଼ଭାଇ, ଅର୍ଥାତ୍ ବିଜୟ ସାହୁ ଓ ତାଙ୍କ ସମ୍ପର୍କୀୟ ଭାଇ, ଲିଟୁ ସେମାନଙ୍କୁ ନ୍ୟାୟାଳୟରେ ବିବାହ କରାଇଦେବେ ବୋଲି ପ୍ରତିଶୃତି ଦେଇଥିଲେ । ତେଣୁ ସେମାନେ ଦମ୍ପତିଙ୍କୁ ମୋଟର ସାଇକେଲରେ ନେଇ ଯାଇଥିଲେ କିନ୍ତୁ ପୀଡ଼ିତାଙ୍କୁ ଝିଲି ସ୍ଥିତ ନୀଳମାଧବ ମନ୍ଦିର ନିକଟରେ ଛାଡ଼ି ଦେଇଥିଲେ । ଉପରୋକ୍ତ ବିଜୟ ସାହୁ ପୀଡ଼ିତାଙ୍କୁ ବଳପୂର୍ବକ ନିଜ ଘରକୁ ନେବାକୁ ଚାହୁଁଥିଲେ କିନ୍ତୁ ସେ ମନା କରିଦେଇଥିଲେ । ଏହା ପରେ ପୀଡ଼ିତା ଜଣେ ସ୍ଥାନୀୟ ମହିଳା, ଗୀତାଞ୍ଜଳି ନନ୍ଦଙ୍କ, ସହାୟତାରେ ଅଭିଯୁକ୍ତଙ୍କ ଘର ପଛ ପ୍ରାଙ୍ଗଣକୁ ଯାଇଥିଲେ, କିନ୍ତୁ ତାଙ୍କୁ ଘର ଭିତରକୁ ଯିବାକୁ ଅନୁମତି ଦିଆଯାଇନଥିଲା, ଯେଉଁଥିପାଇଁ ସେ ସାରା ରାତି ବାହାରେ ଥାଇ କିଛି ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ସୁରକ୍ଷିତ ହୋଇ ରହିଥିଲେ। ପୀଡ଼ିତା ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ଅଭିଯୁକ୍ତ ତାଙ୍କୁ ନିଜ

ଘରେ ରହିବାକୁ କହିଥିଲେ କିନ୍ତୁ ତାଙ୍କ ପରିବାର ଲୋକେ ତାଙ୍କୁ ଗାଳିଗୁଲଜ କରିଥିଲେ ଏବଂ ମାରିଦେବାକୁ ଧମକ ଦେଇଥିଲେ । ଏଭଳି ଅଭିଯୋଗରେ, ଗଁଦିଆ ଆଇ.ପି.ସି ଧାରା 363/417/506/34 ଦଫା ଅଧୀନରେ ପି.ଏସ୍. ମାମଲା ସଂଖ୍ୟା 97/2022 ମାମଲା ରୁଜୁ ହୋଇଥିଲା । ତଦନ୍ତ ସମୟରେ, ପୀଡ଼ିତାଙ୍କ ବୟାନ 06.04.2022 ରେ ନଥିଭୁକ୍ତ କରାଯାଇଥିଲା, ଯିଏ ଏଫ୍ଆଇଆର୍ ର ବୟାନ ଭଳି ସମାନ କଥା କହିଥିଲେ। ତା 08.04.2022ରିଖ ରେ ବିଜ୍ଞ ଜେ.ଏମ୍.ଏଫ୍.ସି. ଗଁଦିଆଙ୍କ ଆଗରେ ସିଆର୍.ପି.ସି.ର ଧାରା 164 ଅଧିନରେ ତାଙ୍କର ବୟାନ ନଥିଭୁକ୍ତ କରାଯାଇଥିଲା । ଉକ୍ତ ବିବୃତିରେ ସେ ଏଫ୍ଆଇଆର୍ ବୟାନକୁ ଦୋହରାଇଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପୀଡ଼ିତାଙ୍କ ଆଉ ଏକ ବୟାନ ସିଆର୍.ପି.ସି.ର ଧାରା 161 ଅନୁଯାୟୀ 30.04.2022ରେ ନଥିଭୁକ୍ତ କରାଯାଇଥିଲା । ଉକ୍ତ ବିବୃତିରେ ପୀଡ଼ିତା କଥିତ ଘଟଣାର ଏକ ଭିନ୍ନ ରୂପ ବର୍ଣ୍ଣନା କରି କହିଲେ ଯେ, ସେ ଅଭିଯୋଗ କରିଛନ୍ତି ଯେ ସେ ଅଭିଯୁକ୍ତଙ୍କ ଭଉଣୀଙ୍କ ଘରେ ରହିଥିବା ସମୟରେ, ଅଭିଯୁକ୍ତ ବିବାହର ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଯୌନ ସମ୍ପର୍କ ରଖିଥିଲେ । ସେ ତାଙ୍କ ବୟାନରେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ନ୍ୟାୟାଳୟରେ ବିବାହ ପାଇଁ ଅଭିଯୁକ୍ତର ବଡ଼ ଭାଇ ଏବଂ ତାଙ୍କ ସମ୍ପର୍କୀୟ ଭାଇଙ୍କ ସହ ଯିବା ସମୟରେ, ତାକୁ ସେମାନେ ପୁଲିସକୁ ଏହା ଜଣାଇବା ପାଇଁ କହିଥିଲେ ଯେ ଅଭିଯୁକ୍ତଙ୍କ ସହ ତାଙ୍କର କୌଣସି ଶାରୀରିକ ସମ୍ପର୍କ ନାହିଁ ଏବଂ ଯଦି ସେ ଏପରି କହନ୍ତି ତେବେ ତାଙ୍କ ବିବାହ ଅଭିଯୁକ୍ତଙ୍କ ସହ ସମ୍ପନ୍ନ ହୋଇଯିବ କିନ୍ତୁ ସେ ଯଦି ନ କରନ୍ତି, ସେମାନେ ତାଙ୍କ ଘରେ ନିଆଁ ଲଗାଇଦେବେ ଏବଂ ତାଙ୍କ ବାପାଙ୍କୁ ଉପରେ ଟ୍ରକ ଚଢ଼ାଇ ହତ୍ୟା କରିବେ । ତଦନ୍ତ ଶେଷ ହେବା ପରେ, ଆଇପିସିର ଧାରା 366/376 (1)/417/ 506/201/34 ଅନୁଯାୟୀ

27.06.2022 ରେ ଆରୋପ ପତ୍ର ଦାଖଲ କରାଯାଇଥିଲା । ଏହା ପରେ ନିମ୍ନ ନ୍ୟାୟାଳୟ ଉପରୋକ୍ତ ଅପରାଧ ସହ ଆକ୍ଷେପିତ ଆଦେଶକୁ ସଂଜ୍ଞାନକୁ ନେଇଥିଲେ ।

3. ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଏ.କେ. ଦାସ, ରାଜ୍ୟ ପାଇଁ ବିଜ୍ଞ ଅତିରିକ୍ତ ସ୍ଥାୟୀ ଅଧିବକ୍ତା ଶ୍ରୀଯୁକ୍ତ ଏସ.କେ. ମିଶ୍ର ଏବଂ ପୀଡ଼ିତାଙ୍କ ତରଫରୁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଏ. ଦାସଙ୍କର ବକ୍ତବ୍ୟ ଶ୍ରବଣ କଲୁ ।

4. ଆକ୍ଷେପିତ ଆଦେଶକୁ ଆପତ୍ତି କରି, ଶ୍ରୀଯୁକ୍ତ ଏ.କେ. ଦାସ ଗମ୍ଭୀର ଯୁକ୍ତି ଉପସ୍ଥାପିତ କରିଥିଲେ ଯେ ଏଫ୍‌ଆଇଆର୍ ପଞ୍ଜିକରଣ ତାରିଖରୁ ଆରମ୍ଭ କରି ଆରୋପ ପତ୍ର ଦାଖଲ କରିବା ପର୍ଯ୍ୟନ୍ତ ଘଟୁଥିବା ଘଟଣାକ୍ରମ ଅନୁଯାୟୀ, ଏହା ଅଧିକ ସ୍ପଷ୍ଟ ହେଇଛି ଯେ ଆବେଦନକାରୀଙ୍କୁ ବଳାତ୍କାର ଏବଂ ଅପହରଣ ମାମଲାରେ ମିଥ୍ୟା ଭାବେ ଫସାଇବା ପାଇଁ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏକ ସୁଚିନ୍ତିତ ପ୍ରୟାସ କରାଯାଇଥିଲା । ଅଧିକନ୍ତୁ, ଏହା ଏପରି ଏକ ମାମଲା ଯେଉଁଠାରେ ପୀଡ଼ିତା ଘଟଣାର ପ୍ରାରମ୍ଭିକ ବୟାନରୁ ବସ୍ତୁତଃଭିନ୍ନ ବୟାନ ଦେଇଛନ୍ତି । ଯେହେତୁ ପୀଡ଼ିତା ଜଣେ ବୟସ୍କ ବାଳିକା, ଯାହାର ବୟସ ସମ୍ପୃକ୍ତ ସମୟରେ ପ୍ରାୟ 21 ବର୍ଷ ଥିଲା, ତେଣୁ ଅଭିଯୋଗ ପକ୍ଷର ଅଭିଯୋଗ ଅନୁଯାୟୀ ବଳାତ୍କାର ର ଶିକାର ହେବା ସତ୍ତ୍ୱେ ତାଙ୍କୁ ଚୁପ୍ ରହିବାକୁ ବାଧ କରାଯାଇଥିଲା ବୋଲି ବିଶ୍ୱାସ କରାଯାଇ ପାରିବ ନାହିଁ । ଶ୍ରୀଯୁକ୍ତ ଦାସଙ୍କ ଅନୁଯାୟୀ, ଏହା ଏକ ସ୍ପଷ୍ଟ ପଳାୟନ ମାମଲା, କାରଣ ପୀଡ଼ିତା ଅଭିଯୁକ୍ତଙ୍କ ସହ ଘର ଛାଡ଼ି ପଳାଇ ଯାଇଥିବା ସ୍ୱୀକାର କରିଛନ୍ତି କିନ୍ତୁ ସମ୍ଭବତଃ ପାରିବାରିକ ଚାପ ଯୋଗୁଁ, ସେମାନଙ୍କ ମଧ୍ୟରେ ବିବାହ କାର୍ଯ୍ୟ ସମ୍ପନ୍ନ ସମ୍ଭବପର ହୋଇପାରିଲା ନାହିଁ ଯେଉଁଥିପାଇଁ, କେବଳ ଅଭିଯୁକ୍ତଙ୍କ ଉପରେ ଚାପ ପକାଇବା ପାଇଁ ମିଥ୍ୟା ମାମଲା ରୁଜୁ କରାଯାଇଛି ।

5. ରାଜ୍ୟ ପାଇଁ ବିଜ୍ଞ ଅତିରିକ୍ତ ସ୍ଥାୟୀ ଅଧିବକ୍ତା ଶ୍ରୀଯୁକ୍ତ ଏସ.କେ. ମିଶ୍ର ଅପରପକ୍ଷରେ ବକ୍ତବ୍ୟ ରଖିଥିଲେ ଯେ ପୀଡ଼ିତା ଜଣକ ଯୁବତୀ ହୋଇଥିବାରୁ ଅଭିଯୁକ୍ତ ଏବଂ ତାର ପରିବାରବର୍ଗ ତାକୁ ଚୁପ ରହିବାକୁ ବାଧ କରିବା ସମ୍ଭବ ହୋଇଥିଲା ଯେହେତୁ ସେମାନେ ତାଙ୍କ ଘର ପୋଡ଼ିଦେବାକୁ ଏବଂ ତାଙ୍କ ପିତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ । ତେଣୁ ସେ ଯୌନ ଅପରାଧ ବିଷୟରେ ତୁରନ୍ତ ପ୍ରକାଶ ନ କରିବା ଅସ୍ୱାଭାବିକ ନୁହେଁ । କେବଳ ଏତିକି ନୁହେଁ, ବିବାହର ମିଥ୍ୟା ବାହାନାରେ ପୀଡ଼ିତାଙ୍କ ସହମତି ନିଆଯାଇଥିଲା ଯାହା ଆଇପିସିର ଧାରା 90 ଅନୁଯାୟୀ ଆଦୌ ସହମତି ଭାବେ ଗଣ୍ୟ ନୁହେଁ । ଶ୍ରୀଯୁକ୍ତ ମିଶ୍ର **ପ୍ରମୋଦ ସୂର୍ଯ୍ୟଭାନ ପାୱାର ବନାମ ମହାରାଷ୍ଟ୍ର ରାଜ୍ୟ** (2019) 9 ଏସ୍ ସି ସି 608ରେ ସୂଚିତ ହୋଇଥିବା ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଉଲ୍ଲେଖ କରିଛନ୍ତି।

6. ପୀଡ଼ିତାଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଅନିରୁଦ୍ଧ ଦାସ, ରାଜ୍ୟ ଅଧିବକ୍ତାଙ୍କ ଯୁକ୍ତିକୁ ଗ୍ରହଣ କରି ଆହୁରି ଯୁକ୍ତି କରିଥିଲେ ଯେ ଧମକ ବ୍ୟତୀତ, ଯୌନ ଅପରାଧ ସମ୍ପର୍କରେ ପୁଲିସ ଆଗରେ ପ୍ରକାଶ ନ କଲେ ଅଭିଯୁକ୍ତଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହେବ ବୋଲି ପୀଡ଼ିତାଙ୍କୁ ଆଶ୍ୱାସନା ଦିଆଯାଇଥିଲା । ଯେହେତୁ ସେ ଅଭିଯୁକ୍ତକୁ ଭଲ ପାଉଥିଲେ ଏବଂ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ, ତେଣୁ ଅଧିକ ସାମାଜିକ କଳଙ୍କକୁ ରୋକିବା ପାଇଁ ସେ ପ୍ରଥମେ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୀରବ ରହିବା ପସନ୍ଦ କରିଥିଲେ ।

7. ସୂଚନାଯୋଗ୍ୟ ଯେ, ସିଆର୍.ପି.ସି.ର ଧାରା 164ରେ ନଥିଭୁକ୍ତ ହୋଇଥିବା ବୟାନ ସହ ଏକ ନିର୍ଦ୍ଦିଷ୍ଟ ପବିତ୍ରତା ଯୋଡ଼ି ହୋଇ ରହିଛି । ଏହା ଆଇନର ସ୍ଥିର ସ୍ଥିତି ଯେ ସିଆର୍.ପି.ସି.ର ଧାରା 164 ଅନୁଯାୟୀ ଜଣେ ସାକ୍ଷୀଙ୍କ ବିବୃତି ନଥିଭୁକ୍ତ କରିବାର

ଉଦ୍ଦେଶ୍ୟ ହେଉଛି ଦୁଇଟି - ସାକ୍ଷୀଙ୍କୁ ତାଙ୍କ ପୂର୍ବରୁ ନଥିଭୁକ୍ତ ହୋଇଥିବା ବିବୃତିର ବିଷୟବସ୍ତୁକୁ ଅସ୍ୱୀକାର କରି ତାଙ୍କ ଆଭିମୁଖ୍ୟ ପରିବର୍ତ୍ତନରୁ ରୋକିବା ଏବଂ ଦ୍ୱିତୀୟରେ, ଧାରା 164 ସିଆର.ପି.ସି. ଅଧୀନରେ ସାକ୍ଷୀଙ୍କ ଦ୍ୱାରା ଅଭିଯୋଜନରୁ ମୁକ୍ତି ପାଇବା । ଏହି ପରିପ୍ରେକ୍ଷୀରେ **ଆର୍. ଶାଜୀ ବନାମ କେରଳ ରାଜ୍ୟ** (2013) 14 ଏସ୍ ସି ସି 266 ମାମଲାରେ ସୂଚିତ କରାଯାଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଉଲ୍ଲେଖ କରାଯାଇପାରେ । ଅଧୁନା ମାମଲାରେ ଯେପରି ପୂର୍ବରୁ କୁହାଯାଇଛି ଯେ, ସିଆର୍.ପି.ସି.ର ଧାରା 164 ଅନୁଯାୟୀ ନଥିଭୁକ୍ତ ହୋଇଥିବା ପୀଡ଼ିତାଙ୍କ ବିବୃତି ସମ୍ପୂର୍ଣ୍ଣ ଭାବରେ ଏଫଆଇଆର୍ ରେ ତାଙ୍କ ବୟାନ ଏବଂ ସିଆର୍.ପି.ସି.ର ଧାରା 161 ଅନୁଯାୟୀ ନଥିଭୁକ୍ତ ହୋଇଥିବା ତାଙ୍କ ବିବୃତି ସହିତ ମଧ୍ୟ ମେଳ ଖାଏ । ଧାରା 164 ସିଆର୍.ପି.ସି. ଅଧୀନରେ ଅନ୍ୟ ଏକ ବିବୃତି ନଥିଭୁକ୍ତ କରି ଏକ ଭିନ୍ନ ବୟାନ ପ୍ରବର୍ତ୍ତନ କରିବାକୁ ଚେଷ୍ଟା କରାଯାଇଥିଲା । ବିଜ୍ଞ ଦଣ୍ଡାଧିକାରୀ ଉଚିତ୍ ନିର୍ଣ୍ଣୟ କରି ଏପରି ଆବେଦନକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ନଚେତ୍ ଏହା ପୂର୍ବ ବିବୃତିକୁ ନିରର୍ଥକ କରିଥାନ୍ତା । ଏହା ବ୍ୟତୀତ, ଉପରୋକ୍ତ ଭାବରେ ସିଆର୍.ପି.ସି.ର ଧାରା 164 ଅନୁଯାୟୀ ବିବୃତି ନଥିଭୁକ୍ତ କରିବାର ଉଦ୍ଦେଶ୍ୟକୁ ପଣ୍ଡ କରିଥାଆନ୍ତା । ଏଭଳି ପରିସ୍ଥିତିରେ, ବାତିଲ କରିବାର ପାଇଁ ସ୍ପଷ୍ଟ ଉଦ୍ଦେଶ୍ୟ ସହିତ ପୀଡ଼ିତାଙ୍କ ଦ୍ୱିତୀୟ ବୟାନ ଯାହା ଆଇ.ଓ. ତା 30.04.2022ରିଖରେ ସିଆର୍.ପି.ସି.ର ଧାରା 161 ଅନୁଯାୟୀ ନଥିଭୁକ୍ତ କରଥିଲେ ଏବଂ ଯାହାର ସ୍ପଷ୍ଟ ଉଦ୍ଦେଶ୍ୟ ଥିଲା, ଯେଉଁଥିପାଇଁ ପୂର୍ବରୁ ସେ ଯାହା କହିଥିଲେ ତାହା ଗୌଣ ଭାବେ ପରିଗଣିତ ହେବ, ତାହା ନ୍ୟାୟର ପରିହାସ ହୋଇଥାଆନ୍ତା ଏବଂ ତେଣୁ ଏହାକୁ ଆଦୌ ବିଚାରକୁ ନିଆଯାଇପାରିବ ନାହିଁ ।

୫.	ପକ୍ଷମାନଙ୍କ ଦ୍ୱାରା ଆଗତ ହୋଇଥିବା ପ୍ରତିଦ୍ୱନ୍ଦ୍ୱୀ ବିବାଦର ଗୁଣବତ୍ତା ପ୍ରତି ଧ୍ୟାନ ଦେବା ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଧ୍ୟାନ ଦେବା ଉଚିତ ହେବ । ପୂର୍ବରୁ କୁହାଯାଇସାରିଛି ଯେ, ଧାରା 161 ଅନୁଯାୟୀ ପୀଡ଼ିତାଙ୍କ ବୟାନ ପ୍ରଥମ ଥର ପାଇଁ 06.04.2022ରେ ନଥିଭୁକ୍ତ କରାଯାଇଥିଲା । ଏହାର ଦୁଇ ଦିନ ପରେ ଅର୍ଥାତ୍ 08.04.2022 ତାରିଖରେ ଧାରା 164 ସିଆର୍.ପି.ସି. ଅନୁଯାୟୀ ତାଙ୍କର ବୟାନ ନଥିଭୁକ୍ତ କରାଯାଇଥିଲା । ପୁନର୍ବାର ଧାରା 161 ଅନୁଯାୟୀ ଆଉ ଏକ ବୟାନ 30.04.2022ରେ ଆଇ.ଓ.ଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିଲା ଏବଂ ପୁନର୍ବାର ପୀଡ଼ିତାଙ୍କ ଧାରା 164 ସିଆର୍.ପି.ସି. ଅନୁଯାୟୀ ବୟାନ ନଥିଭୁକ୍ତ କରିବା ପାଇଁ ନିମ୍ନ ନ୍ୟାୟାଳୟରେ 02.05.2022ରେ ଆଇ.ଓ.ଙ୍କ ଦ୍ୱାରା ପ୍ରାର୍ଥନା କରାଯାଇଥିଲା । ଦୁଇଥର ବୟାନ ନଥିଭୁକ୍ତ କରିବା ଦ୍ୱାରା ତାଙ୍କ ନିଜ ବୟାନରେ ଅସ୍ପଷ୍ଟତା ସୃଷ୍ଟି ହେବ ବୋଲି ଦର୍ଶାଇ  ନିମ୍ନ ନ୍ୟାୟାଳୟ ସେହି ଦିନ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ । ପୂର୍ବରୁ ବର୍ଣ୍ଣିତ ଘଟଣାକ୍ରମ ବିଷୟରେ କୁହାଯାଇପାରେ ଯେ, ଏହି ନ୍ୟାୟାଳୟ ପୀଡ଼ିତାଙ୍କ ଆଚରଣକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଯଦି ପ୍ରକୃତରେ ତାଙ୍କୁ ଯୌନ ନିର୍ଯାତନା ଦିଆଗଲା, ତାଙ୍କୁ କ'ଣ ବାରଣ କରିଥିଲା ପ୍ରଥମ ଦୃଷ୍ଟାନ୍ତ ରେ ପୁଲିସ ଆଗରେ ଏହା ପ୍ରକାଶ କରିବାକୁ । ଯଦି ସେ ପୋଲିସ ନିକଟକୁ ଯାଇ ଅଭିଯୁକ୍ତଙ୍କ ଦ୍ୱାରା ବିବାହର ପ୍ରତିଶ୍ରୁତି ପ୍ରତ୍ୟାହାର କରିଥିବା ଅଭିଯୋଗ କରି ଏକ ଅଭିଯୋଗ ଦାଖଲ କରିଥାନ୍ତେ, ଯାହା ପରେ ସମାନ ଭାବରେ ଧାରା 161 ଏବଂ 164 ସିଆର୍.ପି.ସି. ଅନୁଯାୟୀ ନଥିଭୁକ୍ତ ହୋଇଥିଲା, ତାଙ୍କୁ କ'ଣ 15 ଦିନ ପରେ ନଥିଭୁକ୍ତ ହୋଇଥିବା ପରବର୍ତ୍ତୀ ବିବୃତିରେ ଯୌନ ନିର୍ଯାତନାର ଅଭିଯୋଗ ଯୋଡ଼ିବାକୁ ପ୍ରବର୍ତ୍ତାଇ ଥିଲା । ଏହା ମନେ ରଖିବାକୁ ହେବ ଯେ ସମ୍ପୃକ୍ତ ସମୟରେ ପୀଡ଼ିତାଙ୍କ ବୟସ 21 ବର୍ଷରୁ ଅଧିକ ଥିଲା ।

ବିଜ୍ଞ ରାଜ୍ୟ ଅଧିବକ୍ତାଙ୍କ ଦ୍ୱାରା ଦାଖଲ ମାମଲା ଡାଏରୀର ଅଧ୍ୟୟନରୁ 30.04.2022ରେ ପୀଡ଼ିତାଙ୍କୁ ଆଇ.ଓ.ଙ୍କର ପୁଣି ଥରେ ଯାଞ୍ଚ କରିବାର କୌଣସି ଯୁକ୍ତିଯୁକ୍ତ କାରଣ ଜଣାପଡେ ନାହିଁ ଯେତେବେଳେ ପୀଡ଼ିତାଙ୍କର ବିବୃତି ଦୁଇଥର ନଥିଭୁକ୍ତ କରାଯାଇସାରିଛି । ଯେ କୌଣସି ସ୍ଥଳେ, ପୀଡ଼ିତା ଜଣକ କେଉଁ କାରଣରୁ ନ୍ୟାୟାଳୟଙ୍କ ଆଗରେ ଯୌନ ନିର୍ଯାତନା ବିଷୟରେ ପ୍ରକାଶ କରିବାକୁ ପଛଘୁଞ୍ଚା ଦେଉଥିଲେ, ତାହାର କୌଣସି କାରଣ ନାହିଁ ।

9. ଯୁକ୍ତିତର୍କ ସମୟରେ, ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଅନିରୁଦ୍ଧ ଦାସ, ପୀଡ଼ିତାଙ୍କ ପକ୍ଷରୁ ଉପସ୍ଥିତ ହୋଇ ଯୁକ୍ତି ଦର୍ଶାନ୍ତି ଯେ ଆଇନରେ ପୀଡ଼ିତାଙ୍କ ବୟାନକୁ ଉପଯୁକ୍ତ ଗୁରୁତ୍ୱ ଦିଆଯିବା ଆବଶ୍ୟକ, ସାମାଜିକ କଳଙ୍କ ଭୟରେ, ତା' ସହିତ ଯୌନ ଅପରାଧ ବିଷୟରେ ପ୍ରକାଶ କରିବା ପାଇଁ ସେ ସହଜରେ ଆଗେଇ ଆସିବେ ବୋଲି ଆଶା କରାଯାଏ ନାହିଁ । ଶ୍ରୀଯୁକ୍ତ ଏ. ଦାସଙ୍କର ବିବୃତି ଉପରେ କୌଣସି ପ୍ରକାର ବିବାଦ କରାଯାଇନପାରେ, କିନ୍ତୁ ଏହା ମଧ୍ୟ ସିଦ୍ଧାନ୍ତ ଯେ ପୀଡ଼ିତାଙ୍କର ବୟାନ ସର୍ବଦା ବ୍ୟତିକ୍ରମ ଶୂନ୍ୟ ନିରାଟ ସତ୍ୟ ଭାବରେ ଗ୍ରହଣୀୟ ହୋଇପାରିବ ନାହିଁ । ପୀଡ଼ିତାଙ୍କର ବୟାନ ନିଃସନ୍ଦେହରେ ଅନେକ ଗୁରୁତ୍ୱ ବହନକରେ କିନ୍ତୁ ସବୁ ପରିସ୍ଥିତିରେ ଅଳଙ୍କରଣ ଏବଂ ଅତିରଞ୍ଜନରୁ ମୁକ୍ତ ହୋଇଛି ବୋଲି ପାଇଁ ସାର୍ବଜନୀନ ଏବଂ ଯାନ୍ତ୍ରିକ ଭାବରେ ଗ୍ରହଣୀୟ ହୋଇପାରିବ ନାହିଁ । ଏ ସଙ୍କ୍ରାନ୍ତରେ **ରାଜୁ ବନାମ ଏମ.ପି. ରାଜ୍ୟ** (2008) 15 ଏସ୍ ସି ସି 133 ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିର ସୂଚିତ କରାଯାଇ ଉଲ୍ଲେଖ କରାଯାଇପାରେ ।

10. ପୀଡ଼ିତାଙ୍କ ବୟାନ ସେତେବେଳେ ତତ୍‌କ୍ଷଣାତ୍ ସ୍ୱୀକୃତି ପାଇବ ଯେତେବେଳେ ଏହା ସମ୍ପୂର୍ଣ୍ଣ ଭାବରେ ବିଶ୍ୱସନୀୟ ଏବଂ ସତ୍ୟ ଦ୍ୱାରା ମଣ୍ଡିତ ହେବ । ବର୍ତ୍ତମାନର ମାମଲା ହେଉଛି ଏପରି ଏକ ମାମଲା ଯେଉଁଥିରେ ପୀଡ଼ିତା ତିନି ଥର ଘଟଣା ବିଷୟରେ ଏକ ନିର୍ଦ୍ଦିଷ୍ଟ ବୟାନ ଦେଇଥିଲେ ଏବଂ ପରେ ହଠାତ୍ ସେ ଦିଗ ପରିବର୍ତ୍ତନ କରି ଏକ ସମ୍ପୂର୍ଣ୍ଣ ନୂତନ ବୟାନ ଦେଇଥିଲେ । ଯେଉଁ ଯୁକ୍ତି ଉପସ୍ଥାପିତ କରାଯାଉଛି ଯେ ପୀଡ଼ିତା ଆଶା କରିଥିଲେ ଯେ ଯଦି ସେ ଚୁପ ରୁହନ୍ତି, ତେବେ ସେ ଅଭିଯୁକ୍ତଙ୍କ ସହ ବିବାହ କରିପାରିବେ, ତାହା ଏତେ ଗ୍ରହଣୀୟ ହେଉନାହିଁ, ଏଇଥିପାଇଁ  ଯେ ଏହା ଯୁକ୍ତିସଙ୍ଗତ ନୁହେଁ କାରଣ ଯଦି ତାଙ୍କର ଅଭିଯୁକ୍ତଙ୍କ ଉପରେ ଅତ୍ୟାଧିକ ଚାପ ପ୍ରୟୋଗ ଉଦ୍ଦେଶ୍ୟ ନଥିଲା, ତେବେ ସେ କେଉଁ କାରଣରୁ ପ୍ରଥମେ ପୋଲିସର ଦ୍ୱାରସ୍ଥ ହେଲେ । ଯଦି ଏତିକି ମାତ୍ର ହୃଦ୍ ବୋଧ ହୁଏ, ତା'ହେଲେ ତାଙ୍କ ଦ୍ୱାରା ବର୍ଣ୍ଣିତ ସମ୍ପୂର୍ଣ୍ଣ କାହାଣୀ ସନ୍ଦେହଜନକ ହୋଇଯାଏ ।

11. ପୂର୍ବରୁ ବର୍ଣ୍ଣିତ ମାମଲାର ତଥ୍ୟକୁ ଦେଖିବା ପରେ, ଏହି ନ୍ୟାୟାଳୟ ମତ ପୋଷଣ କରନ୍ତି ଯେ ପୀଡ଼ିତାଙ୍କ ବୟାନ ଆଦୌ ବିଶ୍ୱସନୀୟ ନୁହେଁ ଏବଂ ସେଥିପାଇଁ ଏହା ଗ୍ରହଣଯୋଗ୍ୟ ନୁହେଁ ।

12. **ପ୍ରମୋଦ ସୂର୍ଯ୍ୟଭାନ ପାୱାର** (ପୂର୍ବୋକ୍ତ) ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ରାୟ ବିଷୟରେ ବିଜ୍ଞ ରାଜ୍ୟ ଅଧିବକ୍ତା ଏହା ଦର୍ଶାଇଛନ୍ତି ଯେ ଉକ୍ତ ମାମଲାରେ ପୀଡ଼ିତାଙ୍କୁ ବିବାହର ମିଥ୍ୟା ବାହାନାରେ ଅଭିଯୁକ୍ତଙ୍କ ଦ୍ୱାରା ଏକାଧିକ ଥର ଯୌନ ସମ୍ପର୍କର ଶିକାର କରାଯାଇଥିଲା । ଏଭଳି ପରିସ୍ଥିତିରେ, ଯଦି ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦିଆଯାଏ ଏବଂ ପ୍ରତିଶ୍ରୁତିଦାତାଙ୍କର ଏଭଳି ପ୍ରତିଶ୍ରୁତି ଦେବା ସମୟରେ ଏହାକୁ ପାଳନ କରିବା ଉଦ୍ଦେଶ୍ୟ ନଥାଇ ତାଙ୍କୁ ଧୋକା ଦେଇ ତାଙ୍କ ସହ ଯୌନ ସମ୍ପର୍କ ରଖିବା

ପାଇଁ ରାଜି କରାଯାଇଥାଏ ତେବେ ଏହା 'ତଥ୍ୟର ଭ୍ରାନ୍ତ ଧାରଣା' ଏବଂ ଏହା ଉପରେ ଆଧାରିତ ମହିଳାଙ୍କ 'ସହମତି' ଦୂଷିତ ଅଟେ ବୋଲି ଅଭିହିତ ହୁଏ ।

13. ବର୍ତ୍ତମାନର ମାମଲାର ତଥ୍ୟ ଉଦ୍ଧୃତ ମାମଲାଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଯେହେତୁ ଏହି ନ୍ୟାୟାଳୟ ପୂର୍ବରୁ କହିଛନ୍ତି ଯେ ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତା ଯୌନ ସମ୍ପର୍କର ଶିକାର ହୋଇଥିଲେ ବୋଲି ଦର୍ଶାଇବା ପାଇଁ କୌଣସି ଗ୍ରହଣୀୟ ପ୍ରମାଣ ନାହିଁ । ଏ ସମ୍ପର୍କରେ ପୀଡ଼ିତାଙ୍କ ପରବର୍ତ୍ତୀ ବୟାନକୁ ଗ୍ରହଣୀୟ ନୁହେଁ ବୋଲି ବିବେଚନା କରାଯାଇଛି । ଅପରପକ୍ଷରେ, ଯଦି ମାମଲାର ବିଷୟବସ୍ତୁ ଏବଂ ନଥିଭୁକ୍ତ ଥିବା ତଥ୍ୟକୁ ନିରପେକ୍ଷ ଅନୁଧ୍ୟାନ କରାଯାଏ, ତେବେ ଏକ ଅପରାଧିକ ମାମଲାରେ ଜଡ଼ିତ କରି ଅଭିଯୁକ୍ତଙ୍କୁ ବୈବାହିକ ସମ୍ପର୍କ ସ୍ଥାପନ ପାଇଁ ବାଧ୍ୟ କରିବାକୁ ପୀଡ଼ିତାଙ୍କ ଦ୍ୱାରା ଏହା ଏକ ସ୍ପଷ୍ଟ ପ୍ରୟାସ ବୋଲି ଅଭିହିତ ହେବ ।

14. ଏହା ଉତ୍ତମ ଭାବେ ସ୍ଥିରୀକୃତ ଯେ ଅପରାଧିକ ମାମଲାରେ ଅଭିଯୁକ୍ତଙ୍କୁ ବିଚାରାଳୟରେ ହାଜର କରାଇବା ଏକ ଗୁରୁତର ବିଷୟ ଏବଂ ଏହି ବିଷୟକୁ ଚାଲିବାକୁ ଦିଆଯିବା ଉଚିତ ନୁହେଁ । ଏହି ପରିପ୍ରେକ୍ଷୀରେ, **ପେପ୍ସି ଫୁଡ୍ସ ଲିମିଟେଡ୍ ବନାମ ସ୍ପେଶାଲ ଜୁଡ଼ିସିଆଲ ମାଜିଷ୍ଟ୍ରେଟ** ଏଆଇଆର୍ 1998 ଏସ୍ ସି 128 : (1998) 5 ଏସ୍ ସି ସି 749 ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିର ସୂଚିତ କରାଯାଇ ଉଲ୍ଲେଖ କରାଯାଇପାରେ । ତେଣୁ, ଯୌନ ଅପରାଧୀଙ୍କୁ ଦଣ୍ଡ ଦେବାର ଆବଶ୍ୟକତା ପ୍ରତି ସଜାଗ ଥିବା ବେଳେ ଏହା ମଧ୍ୟ ନ୍ୟାୟାଳୟଙ୍କର କର୍ତ୍ତବ୍ୟ ଯେ ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ଯେପରି କୌଣସି ବ୍ୟକ୍ତିଙ୍କୁ ହଇରାଣ କରିବା ପାଇଁ ବ୍ୟବହାର କରାଯିବ ନାହିଁ।

15. ଏହି ନ୍ୟାୟାଳୟଙ୍କ ସମ୍ମୁଖରେ ଉଠାଯାଇଥିବା ଯୁକ୍ତିଗୁଡ଼ିକ ଏବଂ ନଥିଭୁକ୍ତ ଥିବା ତଥ୍ୟର ବିଶ୍ଲେଷଣକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟଙ୍କର ସୁଚିନ୍ତିତ ମତ ହେଉଛି ଯେ ପୀଡ଼ିତାଙ୍କ ଅନୁରୋଧରେ ଆରମ୍ଭ ହୋଇଥିବା ଅପରାଧିକ କାର୍ଯ୍ୟାନୁଷ୍ଠାନ, ଯଦି ଜାରି ରଖିବାକୁ ଅନୁମତି ଦିଆଯାଏ, ତେବେ ଏହା ନ୍ୟାୟାଳୟଙ୍କ ପ୍ରକ୍ରିୟାର ଅପବ୍ୟବହାର ହେବ ବୋଲି ଧରାଯିବ ।

16. ଫଳରେ ସି.ଆର୍.ଏଲ୍.ଏମ୍.ସି.କୁ ଅନୁମତି ଦିଆଗଲା । ବିଜ୍ଞ ଜେ.ଏମ୍.ଏଫ୍.ସି., ଗଁଦିଆ ନ୍ୟାୟାଳୟଙ୍କର ଜି.ଆର୍. ମାମଲା ସଂଖ୍ୟା 179/2022ରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରାଯାଉଛି ।

............................

***ଶଶିକାନ୍ତ ମିଶ୍ର,***

***ନ୍ୟାୟମୂର୍ତ୍ତି***

***ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ***

***28 ଜୁଲାଇ, 2023/ଏ.କେ. ରାଣା, ପି.ଏ***

HIGH COURT ORISSA

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ବୟାନଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ** - ସିଦ୍ଧାର୍ଥ ସୋରେନ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ